بسم الله الرحمن الرحيم

ଖୁତବା ଜୁମା ୧୯ ଅକ୍ଟୋବର୍ ୨୦୧୮ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଆଫିୟତ୍, ଫିଲାଡ଼ଲଫିୟା, (ଆମେରିକା)

ଏକ ପ୍ରକାରର ଶିରକ୍ (ଅଲ୍ଲାଃଙ୍କ ସହତ ଅନ୍ୟକୁ ସମକକ୍ଷ କରବା) ଗୁପ୍ତରୂପେ ବଷ ପର ପ୍ରଭାବ ପକାଇଥାଏ ଏବଂ ତାହା ଏପରକ ଯେ, ଭଗବାନଙ୍କ ଉପରେ ଭକ୍ତର ଆଉ ପୂର୍ବପର ଆସ୍ଥା ବା ଭରସା ରହ ନଥାଏ । ସେ ଅଲ୍ଲାଃତାଲାଙ୍କ ବ୍ୟତୀତ ଏବଂ ତାଙ୍କ ଉପରେ ବାହ୍ୟ ଜଗତ ଏବଂ ଅନ୍ୟ ବସ୍ତୁ ଉପରେ ଅଧିକ ବଶ୍ୱାସ ବା ଭରସା କରଥାଏ । ସେ (ମନୁଷ୍ୟ) ନଜର ଗ୍ଣକରୀ କ୍ଷେତ୍ରରେ, ନଜର କର୍ମ ବ୍ୟସ୍ତତା ଏବଂ କର୍ମ ବହୁଳ କ୍ଷେତ୍ରରେ ବା ତାହା ଉପରେ ହିଁ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରଥାଏ । ଯଦ୍ୱାରକ ମନୁଷ୍ୟ ନଜର ନମାଜ୍ ପ୍ରତ ଧ୍ୟାନ ଦେଉ ନାହିଁ ବା ସଚେତତ ନୁହେଁ ।
ସୁତରାଂ ଆମମାନଙ୍କୁ ବନମ୍ରପୂର୍ବକ ଏହା ପ୍ରାର୍ଥନା କରବା ଦରକାର ଯେ,ହେ ଇଶ୍ୱର ! ତୁମ୍ଭେ ଆମ୍ଭମାନଙ୍କୁ ପୂର୍ଣ୍ଣ ମୋମିନରେ (ବଶ୍ୱାସାକରୀ) ପରଣତ କର ।

ତଶହୁଦ୍ ତଉଜ୍ ଏବଂ ସୁରା ଫାତିହାର ଆବୃତ୍ତି କରିବା ପରେ ହୁଜୁରେ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେଃହିଲ୍ ଅଜିଜ୍ କହିଲେ: إِنَّمَا يَعْمُرُ مَسَاجِدَ اللَّهِ مَنْ آمَنَ بِاللَّهِ وَالْيَوْمِ الْآخِرِ وَأَقَامَ الصَّلَاةَ وَآتَى الزَّكَاةَ وَلَمْ يَخْشَ إِلَّا اللَّهَ فَعَسَىٰ أُولَٰئِكَ أَنْ يَكُونُوا مِنَ الْمُهْتَدِينَ (سورة التوبة:18) **ଅର୍ଥାତ୍ ଅଲ୍ଲାଃଙ୍କ ମସଜିଦଗୁଡ଼ିକର ସେ ହିଁ ରକ୍ଷଣାବେକ୍ଷଣ କରିଥାଏ ଯେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ କରେ ଏବଂ ସୁଚାରୁରୂପେ ନମାଜ୍ ପାଠ କରେ ଓ ଜ଼କାତ୍ ଦିଏ ତଥା ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରିକୁ ଭୟ କରେ ନାହିଁ,ସୁତରାଂ ସେହିମାନେ ହିଁ ସତପଥମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରନ୍ତି ।**

ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ହିଁ ଉଦ୍ଦିଷ୍ଟ, ଯେ ସେ ଆମମାନଙ୍କୁ ଏହି ସହରରେ ପ୍ରଥମ ମସଜିଦ୍ ନିର୍ମାଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କଲେ ଏବଂ ଆଜି ତାହାର ଔପଚାରିକ ଲୋକାର୍ପଣ ହେଉଅଛି । ସାଂସାରିକ ଭବନ ଅଥବା ସେହି ଅଟ୍ଟାଳିକା ଯାହାକି ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରାପ୍ତ କରିବା ପାଇଁ ନିର୍ମିତ ହୋଇଥାଏ । ସେହି ସବୁର ଲୋକାର୍ପଣ ସମୟରେ ସାଧାରଣତଃ ବାହ୍ୟିକ ପ୍ରସନ୍ନତାର ପରିପ୍ରକାଶ ହୋଇଥାଏ ଏବଂ ଏହି ଘୋଷଣା ସବୁ  ହୋଇଥାଏ ଯେ, ଆମେମାନେ ଏହି ନିର୍ମିତ ଭବନରୁ ଏପରି, ସେପରି ଲାଭବାନ୍ ହେବୁ । କିନ୍ତୁ ଆମେମାନେ ଯେତେବେଳେ ମସଜିଦର ଲୋକାର୍ପଣ କରିଥାଉ ବା ଯେତେବେଳେ ଆମେ ମସଜିଦ୍ ନିର୍ମାଣ କରିଥାଉ ସେତେବେଳେ ଏହି ମନୋଭାବ, ଅଭିପ୍ରାୟ ବା ଉଦ୍ଦେଶ୍ୟ ନେଇ ମସଜିଦ୍ ନିର୍ମାଣ କରିଥାଉ କି ଆମେମାନେ ଯେପରି ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ସେହି କଥାଗୁଡ଼ିକର ଚର୍ଚ୍ଚା କରିବା ଆବଶ୍ୟକ ଯାହାର ଚର୍ଚ୍ଚା କରିବା ପାଇଁ ଅଲ୍ଲାଃତାଲା ଆମମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତହିଁରେ ସର୍ବପ୍ରଥମ ଏବଂ ସର୍ବାଦୌ ଲକ୍ଷ୍ୟ ହେଲା, ଅଲ୍ଲାଃତାଲାଙ୍କ ଉପାସନାର କର୍ତ୍ତବ୍ୟ ପାଳନ କରିବା ଏବଂ ଏପରିଭାବେ କର୍ତ୍ତବ୍ୟ ପାଳନ କରିବା ଯେପରି ପାଳନ କରିବା ପାଇଁ ଅଲ୍ଲାଃତାଲା ଆମମାନଙ୍କୁ କହିଛନ୍ତି ।

ହୁଜୁରେ ଅନୱର୍ କହିଲେ: ଉପରୋକ୍ତ ଆୟତ୍ ଯାହାର ମୁଁ ଆବୃତ୍ତି କରିଛି ତହିଁରେ ଅଲ୍ଲାଃତାଲା ଆମମାନଙ୍କ ନିମନ୍ତେ ଏହା କହିବାକୁ ଚାହିଁଛନ୍ତି ଯେ,ମସଜିଦ୍ ନିର୍ମାଣକାରୀଙ୍କର କ'ଣ ଉଦ୍ଦେଶ୍ୟ ରହିବା ଉଚିତ୍ ? ଅଥବା ସେହି ଲୋକମାନେ କେଉଁମାନେ ଅଟନ୍ତି ଯେଉଁମାନେ କି ନିର୍ମିତ ମସଜିଦର ସଠିକ୍ କର୍ତ୍ତବ୍ୟ ନିର୍ବାହ କରିଥାଆନ୍ତି । ସେମାନେ ସେହି ଲୋକ ଅଟନ୍ତି ଯେଉଁମାନେ କି ଏହାକୁ ବସିତ ଅର୍ଥାତ୍ ରକ୍ଷଣାବେକ୍ଷଣ (ଆବାଦ୍) କରିବା ପାଇଁ ଉଦ୍ୟମରତ ଥାଆନ୍ତି ଏବଂ ଯେଉଁମାନେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ କରନ୍ତି । କହିବାକୁ ଗଲେ ସମସ୍ତେ ଏହିପରି କହନ୍ତି ଯେ,ଆମେମାନେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ କରୁ । କିନ୍ତୁ ଅଲ୍ଲାଃତାଲା କହନ୍ତି ଯେ,ଏହାର ବାସ୍ତବିକ ପରିପ୍ରକାଶ ମଧ୍ୟ ଆବଶ୍ୟକ ଏବଂ ତାହାର ବାସ୍ତବିକ ପରିପ୍ରକାଶ କିପିରି ହୋଇପାରିବ ? ସୁତରାଂ ଏହାର ବାସ୍ତବିକ ପରିପ୍ରକାଶ ନମାଜେ ବାଜମାତ୍ ଦ୍ୱାରା ହିଁ ସମ୍ଭବପର ହୋଇପାରିବ । ଦ୍ୱାତୀୟତଃ ନମାଜରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତି ଏବଂ ନିଜର ଧ୍ୟାନକୁ କେନ୍ଦ୍ରୀଭୂତ କରି ରଖିବା ଦ୍ୱାରା ହିଁ ସମ୍ଭବପର ହୋଇପାରିବ । ତେଣୁ ଏହି କଥାଗୁଡ଼ିକ ଆମମାନଙ୍କୁ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ଉପଦେଶ ଓ ତଫସିରରୁ (ବ୍ୟାଖ୍ୟାରୁ) ହିଁ ଦେଖିବାକୁ ମିଳିଥାଏ । ତେଣୁ ନିୟମିତ ନମାଜ୍ ପଢୁଥିବା ସେହି ବ୍ୟକ୍ତିମାନେ ହିଁ ଅଟନ୍ତି ଯେଉଁମାନେ କି ବାଜମାତ୍ (ସାମୂହିକ ନମାଜ୍) ରେ ଅଭ୍ୟସ୍ତ ଅଟନ୍ତି ଏବଂ ନିଜର ଧ୍ୟାନକୁ ନିଷ୍ଠାର ସହ ଇଶ୍ୱରଙ୍କ ପାଇଁ କେନ୍ଦ୍ରୀଭୂତ କରିଥାଆନ୍ତି । ନମାଜ ପଢନ୍ତି । ସେମାନେ ନମାଜରେ ଦୁଆ, ଇସ୍ତେଗଫାର୍ (କ୍ଷମାପ୍ରାର୍ଥନା) କରି ଏବଂ ଧ୍ୟାନପୂର୍ବକ ନମାଜ୍ ପଢି ଥାଆନ୍ତି ।

ପୁନଶ୍ଚ ହୁଜୁରେ ଅନୱର୍ କହିଲେ ଯେ,ଉପରୋକ୍ତ ବିଶେଷତାର ଅଧିକାରୀ ହୋଇଥିବା ବ୍ୟକ୍ତି ଜକାତ୍ ପୈଠ କରିଥାଆନ୍ତି । ଧର୍ମ ପାଇଁ ଆର୍ଥିକ ତ୍ୟାଗ ବା ବଳିଦାନ ମଧ୍ୟ କରନ୍ତି । ଅଲ୍ଲାଃତାଲାଙ୍କ ସୃଷ୍ଟ ପ୍ରାଣୀମାନଙ୍କର ସର୍ବାଙ୍ଗୀଣ ଉନ୍ନତି ପାଇଁ ଏବଂ ସେମାନଙ୍କର ଦାୟୀତ୍ୱ ନିର୍ବାହ କରିବା ପାଇଁ ଆର୍ଥିକ ତ୍ୟାଗ ବା ବଳିଦାନ ମଧ୍ୟ କରଥାଆନ୍ତି ଏବଂ ସଂକୋଚ ମଧ୍ୟ କରନ୍ତି ନାହିଁ । ଅତଃ ଏହା କୌଣସି ସାଧାରଣ ଦାୟୀତ୍ୱ ନୁହେଁ ଏବଂ କେବଳ ଜଣେ ବିଶ୍ୱାସକାରୀ ମୁସଲମାନର ଦାୟୀତ୍ୱ ନୁହେଁ । ଏହି ମସଜିଦ୍ ନିର୍ମିତ ହେବାପରେ ଏଠାକୁ ଆସୁଥିବା ବ୍ୟକ୍ତିମାନଙ୍କ ପାଇଁ ଅଥବା ନିଜକୁ ଏହି ମସଜିଦ୍ ସହିତ ସଂପୃକ୍ତକାରୀଙ୍କୁ ପୂର୍ବାପେକ୍ଷା ଅଧିକ ଦାୟୀତ୍ୱ ନିର୍ବାହ କରିବାକୁ ପଡ଼ିବ । ଆପଣମାନଙ୍କୁ ସଠିକ୍ ରୂପେ ନିଜ ଉପାସନାର କର୍ତ୍ତବ୍ୟ ନିର୍ବାହ କରିବାକୁ ପଡ଼ିବ ଏଥି ସହିତ ଅଲ୍ଲାଃତାଲାଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ମଧ୍ୟ ସଠିକ୍ ଦାୟୀତ୍ୱ ନିର୍ବାହ କରିବାକୁ ପଡ଼ିବ । ତେବେ ଯାଇ ଆମେମାନେ ଅଲ୍ଲାଃତାଲାଙ୍କ ନିକଟରେ ସତପଥଗାମୀମାନଙ୍କ ମଧ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରାଇ ପାରିବା। ଯେଉଁମାନଙ୍କ ଉପରେ ସର୍ବଦା ଅଲ୍ଲାଃତାଲାଙ୍କର ପ୍ରେମମୟ ଦୃଷ୍ଟି ରହିଥାଏ । ଏହି ଆୟତର ପୂର୍ବବର୍ତ୍ତୀ ଆୟତରେ ଅଲ୍ଲାଃତାଲା ଏହା ବର୍ଣ୍ଣନା କରିଛନ୍ତି ଯେ,ଅଲ୍ଲାଃଙ୍କ ମସଜିଦଗୁଡ଼ିକୁ ରକ୍ଷଣାବେକ୍ଷଣ କରିବା ପାଇଁ ଏପରି ମୁଶରିକମାନଙ୍କର କୌଣସି ଅଧିକାର ନାହିଁ,ଯେତେବେଳେ କି ସେମାନେ ନିଜ ନିଜ ବିରୁଦ୍ଧରେ ଅବିଶ୍ୱାସକାରୀ ହୋଇଥିବାର ସାକ୍ଷ୍ୟ ଦେଉଛନ୍ତି ; ଏହି ଲୋକମାନଙ୍କର କର୍ମ-ସମୂହ ବ୍ୟର୍ଥ ହୋଇଅଛି, ଏବଂ ସେମାନେ (ନରକ) ଅଗ୍ନିରେ ଦୀର୍ଘଦିନ ରହିବେ । ସୁତରାଂ ଯେଉଁ ବ୍ୟକ୍ତିର ହୃଦୟରେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ପ୍ରତି ପ୍ରେମ ଭରି ରହିଛି ସେ ବା କିପରି ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ନିର୍ବାହ କରିପାରିବ ? ସେ କଦାପି ଏପରି କରିପାରିବ ନାହିଁ ଏବଂ ନା ହିଁ ସେ ଅଲ୍ଲାଃତାଲଙ୍କ ପ୍ରାଣୀମାନଙ୍କ ପ୍ରତି ସଠିକ୍ ଦାୟୀତ୍ୱ ନିର୍ବାହ କରିପାରିବ । ତେଣୁ ଶିରକର ମଧ୍ୟ ଅନେକ ପ୍ରକାର ରହିଛି । ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ ଯେ,ଗୋଟିଏ ମୋଟା ପ୍ରକାରର ଶିରକ୍ ଅଟେ । ଯହିଁରେ କୌଣସି ମନୁଷ୍ୟ ଅଥବା ପଥର କିମ୍ବା ନିର୍ଜୀବ ବସ୍ତୁ ଅଥବା ଶକ୍ତି କିମ୍ବା କାଳ୍ପନିକ ଦେବାଦେବୀମାନଙ୍କୁ ଈଶ୍ୱର ରୂପେ ଗ୍ରହଣ କରଯାଇଥାଏ । ଦ୍ୱିତୀୟ ଶିରକ୍ ଯାହାକି ଗୁପ୍ତରୂପେ ବିଷ ପରି ପ୍ରଭାବ ପକାଇଥାଏ ଏବଂ ତାହା ସାଂପ୍ରତିକ ଯୁଗରେ ଅଭିବୃଦ୍ଧି ହୋଇ ଚାଲିଛି । ତାହାହେଉଛି ଯେ, ଭଗବାନଙ୍କ ଉପରେ ଭକ୍ତର ଆଉ ପୂର୍ବପରି ଆସ୍ଥା ବା ଭରସା ରହି ନଥାଏ । ତେଣୁ ଏହି କଥାର ହୁଜୁର୍ ଅ.ସ ବ୍ୟଖ୍ୟା କରିଛନ୍ତି ଯେ, ସେ (ଅର୍ଥାତ୍ ମନୁଷ୍ୟ) ଅଲ୍ଲାଃତାଲାଙ୍କ ବ୍ୟତୀତ ଏବଂ ତାଙ୍କ ଉପରେ ବାହ୍ୟ ଜଗତ ଏବଂ ଅନ୍ୟ ବସ୍ତୁ ଗୁଡ଼ିକ ଉପରେ ଅଧିକ ବିଶ୍ୱାସ ବା ଭରସା କରିଥାଏ । ସେ (ମନୁଷ୍ୟ) ନିଜର ଚାକିରୀ କ୍ଷେତ୍ରରେ, ନିଜର କର୍ମ ବ୍ୟସ୍ତତା ଏବଂ କର୍ମ ବହୁଳ କ୍ଷେତ୍ରରେ ବା ତାହା ଉପରେ ହିଁ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ । ଯଦ୍ୱାରା ମନୁଷ୍ୟ ନିଜର ନମାଜ଼ ପ୍ରତି ଧ୍ୟାନ ଦେଉ ନାହିଁ ବା ସଚେତିତ ନୁହେଁ । ସୁତରାଂ ଆମମାନଙ୍କୁ ବିନମ୍ରପୂର୍ବକ ଏହା ପ୍ରାର୍ଥନା କରିବା ଦରକାର ଯେ,ହେ ଈଶ୍ୱର ! ତୁମ୍ଭେ ଆମ୍ଭମାନଙ୍କୁ ପୂର୍ଣ୍ଣ ମୋମିନରେ (ବିଶ୍ୱାସାକରୀ) ପରିଣତ କର । ଆମେ କେବଳ ଏହି କଥା ଉପରେ ଖୁସି ହୋଇ ନ ଯାଇ ଯେ, ଆମେମାନେ ଫିଲାଡ଼ଲଫିୟାରେ ଅତ୍ୟନ୍ତ ସୁନ୍ଦର ମସଜିଦଟିଏ ନିର୍ମାଣ କରିଅଛୁ । ବରଂ ଆମେ ତାହାର ସଠିକ୍ ଦାୟୀତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରି ଯେତେବେଳେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତ ହେବୁ । ସେତେବେଳେ ଆମେ ଯେପରି ଏହା ଶୁଣିବାକୁ ପାଉ ଯେ,ଏମାନେ ସେହି ଲୋକମାନେ ହିଁ ଅଟନ୍ତି ଯେଉଁମାନେ କି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହିଁ ମସଜିଦ୍ ନିର୍ମାଣ କରିଛନ୍ତି ଏବଂ ତାହାର ସଠିକ୍ ଦାୟୀତ୍ୱ ନିର୍ବାହ କରିବା ପାଇଁ ସର୍ବଦା ପ୍ରୟାସରତ । ସୁତରାଂ ଆମମାନଙ୍କୁ ନିଜ ଭିତରେ ଏହି ମନୋଭାବକୁ ଉଦ୍ରେକ କରିବା ପାଇଁ ପ୍ରଚେଷ୍ଟା କରିବା ଦରକାର । ତେଣୁ ଯେତେବେଳେ ଏହି ଚିନ୍ତାଧାରା ରହିବ ଏବଂ ଏଥି ନିମନ୍ତେ ଉଦ୍ୟମ ହେବ ତେବେ ଏହି ମସଜିଦ୍ ସଂପର୍କିତ ଈଶ୍ୱର କୃପା ଏବଂ ସୌଭାଗ୍ୟ ଗୁଡ଼ିକୁ ଆମେ ଇହକାଳରେ ହିଁ ଅନୁଭୂତ କରିପାରିବୁ । ଆମମାନଙ୍କର ସନ୍ତାନସନ୍ତତି ଏବଂ ଆଗାମୀ ପିଢ଼ୀ ମଧ୍ୟ ଧର୍ମ ସହିତ ନିଜକୁ ସଂଶ୍ଳିଷ୍ଟ କରି ରିଖିପାରିବେ, ଏବଂ ଆମେମାନେ ଅଲ୍ଲାଃତାଲାଙ୍କର ବାର୍ତ୍ତାକୁ ଏହି ଅଞ୍ଚଳ ଏବଂ ଏହି ସହରରେ ଅତି ସହଜରେ ପ୍ରଚାର ପ୍ରସାର କରିପାରିବୁ । ଏକେଶ୍ୱରବାଦକୁ ସଂସ୍ଥାପନ କରିବାରେ ସକ୍ଷମ ହୋଇପାରିବୁ ଏବଂ ଆଁହଜ଼ରତ୍ ସ.ଅଙ୍କର (ବିଜୟ) ଧ୍ୱଜାକୁ ସଂସାରରେ ତରଙ୍ଗାୟିତ ଏବଂ ଉଡ଼ାଇବାରେ ସକ୍ଷମ ହୋଇପାରିବୁ ।

ହଜ଼ରତ୍ ମସିହ୍ ମଉଦ୍ ଅ.ସ ମସଜିଦ୍ ନିର୍ମାଣ କରିବାର ଏକ ଅଭିପ୍ରାୟ ସଂପର୍କରେ ଏହା ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ,ଯେଉଁ ଅଞ୍ଚଳରେ ଆପଣମାନେ ଇସଲାମର ପ୍ରକୃତ ଶିକ୍ଷା ଏବଂ ପ୍ରକୃତ ବାର୍ତ୍ତା ପହଞ୍ଚାଇବାକୁ ଚାହୁଁଛନ୍ତି ତେବେ ସେଠାରେ ପ୍ରଥମେ ଗୋଟିଏ ମସଜିଦ୍ ନିର୍ମାଣ କରନ୍ତୁ । ପୁନଶ୍ଚ ହୁଜୁର୍ ଅ.ସ କହିଲେ ଯେ,ସାଂପ୍ରତିକ ଯୁଗରେ ଆମ ଜମାଅତ୍ ପାଇଁ ମସଜିଦ୍ ଅତ୍ୟାବଶ୍ୟକ ହୋଇପଡ଼ିଛି । ଏହି ମସଜିଦଟି ଈଶ୍ୱରଙ୍କର ଘର ଅଟେ । ତେଣୁ ଯେଉଁ ଗ୍ରାମ କିମ୍ବା ସହରରେ ଆମର ଜମାଅତ୍ ସ୍ଥାପିତ ହୋଇଯାଏ ତେବେ ସେଠାରେ ଏହା ଜାଣ ଯେ, ଆମ ଜମାତର ଉନ୍ନତିର ମୂଳଦୁଆ ପଡ଼ିଗଲା । ତେଣୁ ଯଦି ଏପରି ଗ୍ରାମ ବା ସହର ରହିଛି ଯେଉଁଠାରେ କି ମୁସଲମାନମାନେ ଅଳ୍ପ ସଂଖ୍ୟକ ରହିଛନ୍ତି ଏବଂ ସେଠାରେ ଇସଲାମର ପ୍ରଚାର ତଥା ଉନ୍ନତି ଘଟାଇବାର ଆବଶ୍ୟକତା ଅନୁମେୟ । ତେବେ ସେଠାରେ ଗୋଟିଏ ମସଜିଦ୍ ନିର୍ମାଣ କରିଦେବା ଉଚିତ୍ । ତା'ପରେ ଅଲ୍ଲାଃତାଲା ସ୍ୱୟଂ ମୁସଲମାନମାନଙ୍କୁ ଟାଣି ଆଣିବେ । କିନ୍ତୁ ମସଜିଦ୍ ନିର୍ମାଣ କରିବାର ଯେଉଁ ସର୍ତ୍ତ ରହିଛି ତାହା ହେଲା, ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ଅଭିପ୍ରାୟ, ନିଷ୍ଠା ଏବଂ ନିଃସ୍ୱାର୍ଥତା । ପୁନଶ୍ଚ ମସିହ୍ ମଉଦ୍ ଅ.ସ କହିଲେ ଯେ,କେବଳ ଈଶ୍ୱରଙ୍କର ସଦିଚ୍ଛା ବା ପ୍ରସନ୍ନତା ପ୍ରାପ୍ତି

ସକାଶେ ହିଁ ମସଜିଦ୍ ନିର୍ମାଣ କରାଯାଉ । ସାଂସାରିକ ମୋହମାୟା, ସ୍ୱାର୍ଥପରତା ଅଥବା କୌଣସି ଦୁଷ୍କୃତ୍ୟମୂଳକ ହସ୍ତକ୍ଷେପ ନ ହେଉ, ତେବେ ଯାଇ ଅଲ୍ଲାଃତାଲା ବରକତ୍ ପ୍ରଦାନ କରିବେ ।

ହୁଜୁରେ ଅନୱର୍ କହିଲେ: ତେଣୁ ସର୍ବଦା ଏହି କଥାକୁ ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଯେ,ଆମେ ଯେଉଁ ମସଜିଦଟି ନିର୍ମାଣ କଲୁ ଏବଂ ତାହାପାଇଁ ଆମେମାନେ ଯେଉଁ ଆର୍ଥିକ ବଳିଦାନ କଲୁ ତେବେ ସେ ପରିପ୍ରେକ୍ଷୀରେ ସେହି ଆର୍ଥିକ ତ୍ୟାଗ ଯେମିତି ପ୍ରଦର୍ଶିତ ନହେଉ । ବରଂ ସେଥିରେ ଏହି ଅନ୍ତର୍ନିହିତ ଅଭିପ୍ରାୟଟି ହେଉ ଯେ,ଏହି ନିର୍ମିତ ମସଜିଦରେ ଆମେମାନେ ମଧ୍ୟ ସୁଚାରୁରୂପେ ଉପାସନା କରିବୁ । ଆମର ଆଗାମୀ ବଂଶଧର ମଧ୍ୟ ସୁରକ୍ଷିତ ରହିବେ ଏବଂ ସର୍ବଦା ଧର୍ମ ସହିତ ନିଜକୁ ସଂଶ୍ଳିଷ୍ଟ ରଖିବେ ।

ଏହି ମସଜିଦର ନିର୍ମାଣ ଏବଂ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ବସବାସ କରୁଥିବା ଅହମଦିମାନଙ୍କ ଉପରେ ଏକ ବଡ଼ ବା ଗରୁଦାୟୀତ୍ୱ ମଧ୍ୟ ନ୍ୟସ୍ତ ହେଉଛି ଯେ,ସେମାନେ ଏହି ସହରରେ ଏହି ମସଜିଦକୁ ଇସଲାମର ପ୍ରଚାରର ଏକ ମାଧ୍ୟମ କରିନିଅନ୍ତୁ । ୧୯୨୦ ମସିହାରେ ଯେତେବେଳେ ହଜ଼ରତ୍ ମୁଫତି ଅହେମଦ ସାଦିକ୍ ସାହେବ୍ ଆମେରିକାରେ ମୁବଲ୍ଲିଗ୍ (ଧର୍ମପ୍ରଚାରକ) ରୂପେ ଆସିଥିଲେ । ସେତେବେଳେ ସେ ଏହି ଫିଲାଡ଼ଲଫିୟା ବନ୍ଦରଠାରେ ଧରାବତରଣ କରିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କୁ ଏହି ଦେଶରେ ପ୍ରବେଶ କରିବାକୁ ଦିଆଗଲା ନାହିଁ ଏବଂ ଏଥି ନିମନ୍ତେ ତାଙ୍କୁ ଅନୁମତି ମଧ୍ୟ ପ୍ରଦାନ କରାଗଲା ନାହିଁ । ସେତେବେଳେ ତାଙ୍କୁ ଏକ କୋଠରୀରେ ବନ୍ଦି କରି ଦିଆଯାଇଥିଲା । ସେହି ବନ୍ଦୀଶାଳରେ ଅନେକ କଏଦୀ ମଧ୍ୟ ରହିଥିଲେ । ତାଙ୍କର ତବଲିଗର (ପ୍ରଚାର) ପ୍ରଚେଷ୍ଟା ଯୋଗୁଁ ଦୁଇ ମାସରେ ହିଁ ୧୫ ଜଣ କଏଦୀ ଇସଲାମ୍ ଧର୍ମ ଗ୍ରହଣ କରି ନେଇଥିଲେ । ତବଲିଗ୍ ସହିତ ତାଙ୍କର ଚାରିତ୍ରିକ ଆଦର୍ଶ, ତକ୍ୱା (ଅଲ୍ଲାଃତାଲାଙ୍କ ପ୍ରତି ଭୟ), ପ୍ରାର୍ଥନା ମଧ୍ୟ ଥିଲା । ତେଣୁ ତବଲିଗ୍ ସହିତ ଚର୍ଚ୍ଚିତ କଥାଗୁଡ଼ିକ ମଧ୍ୟ ଅତ୍ୟାବଶ୍ୟକ ହୋଇପଡ଼ିଥାଏ । ସୁତରାଂ କୁହାଯାଏ ଯେ,ତାଙ୍କର ସେଠାରେ ବସବାସ କଲାବେଳେ ପ୍ରାୟ ୫,୬ ହଜାର ଲୋକମାନେ ଅହେମଦିୟତରେ ଅନ୍ତର୍ଭୁକ୍ତ ହୋଇଥିଲେ । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ  ସେତେବେଳେ କହିଥିଲେ ଯେ,ଯଦି ଏହିପରି ବୈତର ସଂଖ୍ୟାରେ ବୃଦ୍ଧି ପରିଲକ୍ଷିତ ହୁଏ ତେବେ କିଛି ଦଶନ୍ଧିରେ ହିଁ ଏହି ସଂଖ୍ୟା ଏକ ଲକ୍ଷକୁ ପହଞ୍ଚିଯିବ ଏଥିରେ କୌଣସି ସନ୍ଦେହ ନାହିଁ । ସେ ଯାହା ହେଉ ସେହି ଟାର୍ଗେଟ୍ ତ ପୂରଣ ହୋଇପାରିଲା ନାହିଁ ଯାହା କାମ୍ୟ ଥିଲା । ସେତେବେଳେ ଆମମାନଙ୍କ କ୍ଷେତ୍ରରେ ଯେଉଁ ଅସୁବିଧା, ବାଧା, ସମସ୍ୟାମାନ ବା ପ୍ରତିକୂଳ ପରିସ୍ଥିତି କିମ୍ବା ସେଥିରେ ଆମମାନଙ୍କର କିଛି ନା କିଛି ଦୋଷଦୁର୍ବଳତା ଏବଂ ତ୍ରୁଟି ମଧ୍ୟ ରହିଥିଲା। ଯାହାଫଳରେ କି ତାହା ସମ୍ଭବପର ହୋଇପାରି ନଥିଲା । କିନ୍ତୁ ଆଜି ଆମମାନଙ୍କ ନିକଟରେ ସୁଯୋଗ ରହିଛି ଯେ,ଆମେମାନେ ଦୃଢ ସଂକଳ୍ପ ସହିତ ଏଥି ନିମନ୍ତେ ପ୍ରଚେଷ୍ଟା କରିବା । ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ କାଳରେ ଏଠାରେ ମଧ୍ୟ ବାର୍ତ୍ତା ପହଞ୍ଚି ସାରିଥିଲା । ଯାହାର ଚର୍ଚ୍ଚା ବା ଉଲ୍ଲେଖ ସ୍ୱୟଂ ହଜ଼ରତ୍ ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକ **ବରାହନେ ଅହେମଦୟାରେ** କରିଛନ୍ତି । ସୁତରାଂ ଡ.ଜରଜ୍ ବେକର୍ **(ସଂଖ୍ୟା ୪୦୪ ସିସକେହାନା ଏୱେନିୟୁ)** ଫିଲାଡ଼ଲଫିୟା ଆମେରିକା ମାଗାଜିନ୍ ରିଭ୍ୟୁ ଅଫ୍ ରିଲିଜିୟନରେ ମୋର ନାମ ଏବଂ ଚର୍ଚ୍ଚା ସମ୍ବନ୍ଧରେ ପଢି ନିଜର ପତ୍ରରେ ଏହା ଉଲ୍ଲିଖିତ କରିଛନ୍ତି ଯେ,ମୁଁ ଆପଣଙ୍କ ଇମାମଙ୍କ ଚିନ୍ତାଧାରା ସହିତ ସଂପୂର୍ଣ୍ଣରୂପେ ଏକମତ ଅଟେ । ସେ ଇସଲାମର ସଠିକ୍ ବାଣୀକୁ ସଠିକ୍ ରୂପେ ଓ ସଠିକ୍ ଦିଗରେ ବିଶ୍ୱ ନିକଟରେ ଉପସ୍ଥାପିତ କରିଛନ୍ତି । ଯେପରି ହଜ଼ରତ୍ ମହମ୍ମଦ୍ ସ.ଅ ଉପସ୍ଥାପିତ କରିଥିଲେ ।

ହୁଜୁରେ ଅନୱର୍ କହିଲେ: ଆଜିକୁ ପ୍ରାୟ ଶହେ ବର୍ଷ ପୂର୍ବେ ଏଠାରେ ଅହେମଦିୟତର ମୂଳଦୁଆ ପଡ଼ିଥିଲା। କିନ୍ତୁ ଆଜି ଅଲ୍ଲାଃତାଲା ଆମମାନଙ୍କୁ ଏହି ସହରରେ ଏକ ସୁନ୍ଦର ମସଜିଦଟିଏ ନିର୍ମାଣ କରିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ତେଣୁ ଏହି ମାଧ୍ୟମକୁ ଭିତ୍ତି କରି ବର୍ତ୍ତମାନ୍ ଏକ ନୂତନ ଦୃଢ ସଂକଳ୍ପ ସହିତ ଏଠିକାର ଜମାଅତ୍ ଏବଂ ସ୍ଥାନୀୟ ମୁବଲ୍ଲିଗକୁ ଏପରି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଦରାକାର ଯଦ୍ୱାରା ଇସଲାମର ସୌନ୍ଦର୍ଯ୍ୟମୟ ଶିକ୍ଷା ଏବଂ ବାର୍ତ୍ତା ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇଯାଉ ଏବଂ ଏହି ଅଞ୍ଚଳଟି ଶାନ୍ତି ଓ ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ଏପରି ଅଞ୍ଚଳରେ ପରିଣତ ହେଉ । ଲୋକମାନଙ୍କର ଏହି ପ୍ରଚେଷ୍ଟା ହେଉ ଯେ,ସେମାନେ ଏଠାରେ ଆସି ବସବାସ କରିବାକୁ ଇଚ୍ଛୁକ ହୁଅନ୍ତୁ ବା ଇଚ୍ଛା ପ୍ରକାଶ କରନ୍ତୁ । ଜନସଂଖ୍ୟା ଦୃଷ୍ଟିକୋଣରୁ ଏହି ସହରଟି ଆମେରିକାର ଷଷ୍ଠ ସର୍ବ ବୃହତ୍ ସହର ଅଟେ । ସୁତରାଂ ଯଦି ଏହି ସହରରେ ଏବଂ ଏହାର ଆଖପାଖର ଅଞ୍ଚଳରେ ଇସଲାମର ସଠିକ୍ ବାର୍ତ୍ତା ପହଞ୍ଚି ଯାଏ ତେବେ ସେହି ଲୋକମାନଙ୍କ ମଧ୍ୟରୁ ହିଁ إن شاء الله ଏମିତି ଲୋକମାନେ ଜନ୍ମ ନେବେ ଯେଉଁମାନେ କି ପ୍ରକୃତ ଭକ୍ତ ବା ଉପାସକ ଏବଂ ମସଜିଦରେ ସୁଚାରୁରୂପେ ନମାଜ୍ ପାଠ କରିବେ ଏବଂ ଅଲ୍ଲାଃତାଲଙ୍କୁ ଭୟ କରୁଥିବେ ଓ ସତପଥଗାମୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବେ ।

ଅତଃ ଆମର ପ୍ରତ୍ୟେକ ମସଜିଦ୍ ଯାହାକୁ ଆମେ ନିର୍ମାଣ କରୁଛୁ ତାହା ଆମମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଆଣିଦେଇଥାଏ ଯେ,ଆମେମାନେ ଚାରିତ୍ରିକ ଅବସ୍ଥାକୁ ସୁଧାରି, ଅଲ୍ଲାଃତାଲାଙ୍କ ସହ ସଂପର୍କ ସ୍ଥାପନ କରି ଏବଂ କାର୍ଯ୍ୟାନୁସରଣାତ୍ମକ ଆଦର୍ଶରେ ମଧ୍ୟ ନିଜର ଅବସ୍ଥାକୁ ପୂର୍ବାପେକ୍ଷା ସୁଦୃଢ କରିବାକୁ ପଡ଼ିବ ଏବଂ ଏଥି ସହିତ ପ୍ରଚାରର କ୍ଷେତ୍ରକୁ ମଧ୍ୟ ସୁଗମରୂପେ ଉନ୍ମୁକ୍ତ କରିବାକୁ ପଡ଼ିବ । କେବଳ ଏତିକିରେ ସନ୍ତୁଷ୍ଟ ହୋଇ ବସିପଡ଼ିଲେ ଚଳିବ ନାହିଁ ଯେ,ଆମେମାନେ ମସଜିଦ୍ ନିର୍ମାଣ କରିଦେଲୁ । ବର୍ତ୍ତମାନ୍

ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଥିବା ବ୍ୟକ୍ତିମାନଙ୍କର ଏହି ଦାୟୀତ୍ୱ ହେଉଛି ଯେ,ସେମାନେ ନିଜର ସାମଗ୍ରିକ ପ୍ରଚେଷ୍ଟା ଓ ଯୋଗ୍ୟତାକୁ କାର୍ଯ୍ୟାନ୍ୱିତ କରନ୍ତୁ । ନିଜର ଅବସ୍ଥା ତଥା ଉପାସନାକୁ ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦିଅନ୍ତୁ ଯାହାକି ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣୀୟ ଏବଂ ଯାହା ସଂପର୍କରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ ଆମମାନଙ୍କର ବାରମ୍ବାର ଧ୍ୟାନ ଆକର୍ଷଣ କରିଛନ୍ତି ।

ଏକ ଅବସରରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ ଯେ,ମସଜିଦର ପ୍ରକୃତ ସୌନ୍ଦର୍ଯ୍ୟ ତାହାର ଅଟ୍ଟାଳିକା ରୂପକ ପରିପାଟିକୁ ନେଇ ଗଠିତ ହୋଇ ନଥାଏ ବରଂ ସେହି ମସଜିଦରେ ନମାଜ଼୍ ପାଠ କରୁଥିବା ବ୍ୟକ୍ତିମାନଙ୍କୁ ନେଇ ଗଠିତ ଯେଉଁମାନେ କି ନିଷ୍ଠାପର ହୋଇ ମସଜିଦରେ ନମାଜ଼୍ ପାଠ କରିଥାଆନ୍ତି । ପୁନଶ୍ଚ ହୁଜ଼ୁର୍ ଅ.ସ କହିଲେ ଯେଉଁ ମସଜିଦର ମୂଳଭିତ୍ତି ପ୍ରଥମ ଦିନରୁ ତକ୍‌ୱା (ପୁଣ୍ୟ) ଉପରେ ପ୍ରତିଷ୍ଠିତ ତାହା ଅଧିକ ଯୋଗ୍ୟ ଯେ ତୁମେ ତହିଁରେ ସାମୂହିକ ନମାଜ଼୍ ପାଇଁ ଦଣ୍ଡାୟମାନ ହୁଅ । ଅତଃ ଯଦି ଆମେ ଏହି ନିଷ୍ଠାକୁ ଭିତ୍ତି କରି ନମାଜ଼୍ ପାଠ କରିବୁ ଏବଂ ତକ୍‌ୱାର ପଥେପଥେ ଅଗ୍ରସର ହୋଇ ମସଜିଦକୁ ସର୍ବଦା ନମାଜ଼ୀଙ୍କ ସହ ପୂର୍ଣ୍ଣ ରଖିବୁ । ତାହାହେଲେ ଆମମାନଙ୍କର ଉପାସନା ମଧ୍ୟ ଗ୍ରହଣୀୟ ହୋଇପାରିବ ଏବଂ ଅଣମୁସଲମାନମାନଙ୍କ ନିକଟରେ ଇସଲାମର ସଠିକ୍ ବାର୍ତ୍ତାର ପ୍ରଚାର ହୋଇପାରିବ । ଏକ ସ୍ଥଳରେ ଆଁହଜ଼ରତ୍ ସ.ଅ କହିଲେ ଯେ,ଯେଉଁ ବ୍ୟକ୍ତି ଆମ ମସଜିଦରେ ଏହି ଉଦ୍ଦେଶ୍ୟ ରଖି ପ୍ରବେଶ କରିବ ଯେ,ସେ ପୁଣ୍ୟ କଥା ଗୁଡ଼ିକ ଶିଖିବ ତେବେ ସେହି ବ୍ୟକ୍ତି ଯେପରି ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦକାରୀ ରୂପେ  ବିବେଚିତ ହେବ ।

ହୁଜ଼ୁରେ ଅନୱର୍ କହିଲେ: ଆଜିକାଲି ଇସଲାମ୍ ଧର୍ମକୁ ଦୁଷ୍ପ୍ରଚାର ବା ବଦନାମ କରାଯାଉଅଛି ଯେ,ଇସଲାମ୍ ଧର୍ମ କେବଳ ଜିହାଦର ଶିକ୍ଷା ଦେଇଥାଏ ଏବଂ ଏହା ଉପରେ ହିଁ ପର୍ଯ୍ୟବେସିତ । ସେହିପରି ଅନ୍ୟ ମୁସଲମାନମାନଙ୍କର ଆଦର୍ଶ ମଧ୍ୟ ଏହି ବଦନାମିର କାରଣରେ ସହାୟକ ହୋଇଥାଏ । କିନ୍ତୁ ଜଣେ ପ୍ରକୃତ ବିଶ୍ୱାସକାରୀର ଏହା କର୍ତ୍ତବ୍ୟ ହେଉଛି ଯେ,ଯଦି ସେ ପୁଣ୍ୟ କର୍ମକୁ ଶିକ୍ଷା କରେ, ପୁଣ୍ୟର ପ୍ରଚାର ପ୍ରସାର କରେ ତେବେ ସେ ପରିପ୍ରେକ୍ଷୀରେ ସେ ଯେପରି ଜିହାଦକାରୀ ରୂପେ ବିବେଚିତ ହୋଇଥାଏ ଏବଂ ଏହିପରି ଜିହାଦ୍ କରିବା ଆଜି ଆମ ଅହମଦି ମାନଙ୍କର କର୍ତ୍ତବ୍ୟ ହୋଇପଡ଼ିଛି । ହୁଜ଼ୁରେ ଅନୱର୍ କହିଲେ ଯେ,ପ୍ରତ୍ୟେକ ଅହମଦି ବ୍ୟକ୍ତି ସମ୍ମୁଖରେ କେବଳ ପ୍ରସନ୍ନ ତଥା ଆଶା ଓ ଅଭିଳାଷା ନ ହେବା ଦରକାର । ବରଂ ସର୍ବଦା ପରକାଳ ପାଇଁ ଚିନ୍ତିତ ରହିବା ଦରକାର । ସେହି ସ୍ୱର୍ଗପୁରର ଅନୁକମ୍ପା ଏବଂ ଲାଭଗୁଡ଼ିକ ଚୀରକାଳ ପର୍ଯ୍ୟନ୍ତ ବିଦ୍ୟମାନ ଏବଂ ଅନଶ୍ୱର । ହଜ଼ରତ୍ ମସିହ୍ ମଉଦ୍ ଅ.ସ ଏକ ସ୍ଥଳରେ ବର୍ଣ୍ଣନା କରିଛନ୍ତି ଯେ,ଅଲ୍ଲାଃତାଲା ମଧ୍ୟ ମନୁଷ୍ୟର ଏକ ଦୈନିକୀ ପ୍ରସ୍ତୁତ କରନ୍ତି । ତେଣୁ ମନୁଷ୍ୟକୁ ମଧ୍ୟ ନିଜର ଦୈନିକୀ ପ୍ରସ୍ତୁତ କରିବା ଉଚିତ୍ । ମନୁଷ୍ୟର ବର୍ତ୍ତମାନ ଏବଂ ଅତୀତ ଯେପରି ସମାନ ନହେବା ଦରକାର। ଯେଉଁ ବ୍ୟକ୍ତିର ବର୍ତ୍ତମାନ ଏବଂ ଅତୀତରେ ଏହି ଦୃଷ୍ଟିକୋଣରୁ ଯେ,ସେ ପୁଣ୍ୟରେ କେତେଦୂର ପର୍ଯ୍ୟନ୍ତ ଅଗ୍ରଗତି କରିଛି । ଯଦି ତାହା ସମାନ ହୋଇଯାଏ ତାହାହେଲେ ସେ ନିଜର ହିଁ କ୍ଷତି ସାଧନ କରିଛି । ମନୁଷ୍ୟ ଯଦି ଇଶ୍ୱରଙ୍କ ଉପରେ ଅଗାଧ ଭରସା ଓ ଆସ୍ଥା ସ୍ଥାପନକାରୀ ହୋଇଯାଏ ତାହାହେଲେ ସେ ଆଦୌ ଅବହେଳିତ, ନଷ୍ଟ ବା ବରବାଦ ହେବ ନାହିଁ । ତେଣୁ ଏହା ଏକ ଚିନ୍ତାଜନକ ବିଷୟ ଅଟେ । ଅଲ୍ଲାଃତାଲା ଯେତେବେଳେ ଆମମାନଙ୍କ ଉପରେ ନିଜର କୃପା କରନ୍ତି ସେତେବେଳେ ଆମମାନଙ୍କର ମଧ୍ୟ ଏହା କର୍ତ୍ତବ୍ୟ ରହିଛି ଯେ,ଆମେ ଅଲ୍ଲାଃତାଲାଙ୍କର ମଧ୍ୟ କୃତଜ୍ଞତା ଜଣାଇବା ଦରକାର। ସୁତରାଂ ସେହି ଲୋକମାନେ ଯେଉଁମାନେ କି ନଜର ସାଂସାରିକ ବ୍ୟାପାର, ସାଂସାରିକ କର୍ମକାଣ୍ଡ ଓ କର୍ମବ୍ୟସ୍ତତା ଯୋଗୁଁ ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ଯାଇଛନ୍ତି ଏବଂ ନିଜର ଭକ୍ତି ଓ ଉପାସନାକୁ ଭୁଲି ଯାଇଛନ୍ତି ଅଥବା ଏଥିପ୍ରତି ତାଙ୍କର ଧ୍ୟାନ ନାହିଁ ଯାହା ରହିବା ଦରାକାର । ତେବେ ସେମାନେ ସର୍ବପ୍ରଥମେ ନିଜକୁ ନିରୀକ୍ଷଣ ବା ଅନୁଧ୍ୟାନ କରନ୍ତୁ ଯେ, ଆମ ବୈତରେ ଯେଉଁ ଶପଥ କରିଥିଲୁ ତାହାର ଅଭିପ୍ରାୟ କ'ଣ ? ଏବଂ ଏଥିପ୍ରତି ଆମର କାର୍ଯ୍ୟାନୁସରଣ କେତେ ପ୍ରତିଶତ ରହିଛି ? ଏବଂ ଯେଉଁମାନେ ଏଠାକୁ ନୂଆକରି ଆସିଛନ୍ତି ସେମାନେ ମଧ୍ୟ ମନେରଖନ୍ତୁ ଯେ,ସଂସାରରେ ନିଜକୁ ହଜାଇ ଦେବା ବା ନିମଜ୍ଜିତ କରିଦେବା ଉନ୍ନତି ନୁହେଁ । ବରଂ ତାହା ବିପତ୍ତି ବା ସର୍ବନାଶ ଅଟେ । ତେଣୁ ସେମାନଙ୍କୁ ସର୍ବଦା ଏହି କଥାକୁ ନିଜର ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଯେ,ସେମାନେ ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେଉଥିବା ବ୍ୟକ୍ତି ହୁଅନ୍ତୁ । ସେମାନେ ମସଜିଦର କର୍ତ୍ତବ୍ୟ ସଂପାଦନ ବା ପାଳନ କରନ୍ତୁ । ସେହିପରି ଅଲ୍ଲାଃତାଲାଙ୍କର ଉପାସନାର କର୍ତ୍ତବ୍ୟ ପାଳନ କରୁଥିବା ବ୍ୟକ୍ତି ହୁଅନ୍ତୁ । ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, ମନେରଖ ! ଆମର ଜମାଅତ୍ କେବଳ ଏହିକଥା ପାଇଁ ସ୍ଥାପିତ ହୋଇ ନାହିଁ ଯେପରି ସାଧାରଣ ଲୋକମାନେ ସାଂସାରିକ ଜୀବନଯାପନ କରୁଛନ୍ତି । ତେଣୁ ମୁଁ ତୁମଠାରୁ ଏହା ଆଶା କରେ ନାହିଁ ଯେ,ତୁମେମାନେ କେବଳ ତୁଣ୍ଡରୁ ଉଚ୍ଚାରଣ କରି କାର୍ଯ୍ୟାନୁସରଣରେ କିଛି ଦେଖାଇ ପାରିବ ନାହିଁ । ଏହା ଅତ୍ୟନ୍ତ ନୀଚ କୃତ୍ୟ ଏବଂ ନୀଚ ଅବସ୍ଥା ଅଟେ । ଅଲ୍ଲାଃତାଲା ଏହାକୁ ଆଦୌ ପସନ୍ଦ କରନ୍ତି ନାହିଁ । ତେଣୁ ସଂସାରର ଏପରି ଅବସ୍ଥା ହିଁ ଏହା ଦାବି କଲା ଯେ,ଜଣେ ସୁଧାରକ ଆସୁ ସେଇଥିପାଇଁ ଅଲ୍ଲାଃତାଲା ମୋତେ (ଅର୍ଥାତ୍ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କୁ) ସୁଧାରକ ରୂପେ ଧରାପୃଷ୍ଠକୁ ପ୍ରେରଣ କଲେ । ମନେରଖ ! ଅଲ୍ଲାଃତାଲା ଭୂପୃଷ୍ଠରେ ଯେଉଁ ସଂପ୍ରଦାୟକୁ ସଂସ୍ଥାପନ କରିବାକୁ ଚାହୁଁଛନ୍ତି ତାହା (ଅର୍ଥାତ୍ ସେହି ସଂପ୍ରଦାୟ) କାର୍ଯ୍ୟ, କର୍ମ ଓ ବ୍ୟବହାରକୁ ବାଦ୍ ଦେଇ ଆଦୌ ଜୀବିତ ରହିପାରିବ ନାହିଁ । ଏହା ସେହି ଭବ୍ୟ ସଂପ୍ରଦାୟ ଅଟେ ଯାହାର ପ୍ରସ୍ତୁତି ପର୍ବ ହଜ଼ରତ୍ ଆଦମ୍ ଅ.ସଙ୍କ କାଳରୁ ହିଁ ଆରମ୍ଭ

ହୋଇଯାଇଥିଲା। ଏମିତି କୌଣସି ନବୀ ନାହାନ୍ତି ଯେ ଆମମାନଙ୍କୁ ଏହି ନିମନ୍ତ୍ରଣ ସଂପର୍କରେ ସୂଚନା ପ୍ରଦାନ କରିନାହାନ୍ତି । ସୁତରାଂ ଏହାକୁ ଆଦର କର ଏବଂ ତାହା ଏପରି ହୋଇପାରିବ ଯେ,ତୁମେମାନେ ନିଜର ବ୍ୟବହାରରୁ ପ୍ରମାଣିତ କରି ଦେଖାଇ ଦିଅ ଯେ,ତୁମେ ହିଁ ସେହି ସତ୍ୟବାଦୀ ଗୋଷ୍ଠୀ ଅଟ । ତେଣୁ ଏହା କୌଣସି ସହଜ କଥା ନୁହେଁ । ଚିନ୍ତିତ ହୋଇ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ସର୍ବଦା ଏହା ମନେରଖିବା ଉଚିତ୍ ଯେ,ସଂସାର ଏବଂ ସଂସାରର ଧନସମ୍ପତ୍ତି ଆମ ଏବଂ ଆମମାନଙ୍କର ଆଗାମୀ ବଂଶଧର ମାନଙ୍କ ପାଇଁ ଅନଶ୍ୱରତାର ପ୍ରତିଭୂ ନୁହେଁ । ବରଂ ଉଭୟ ଲୋକରେ ଅଲ୍ଲାଃତାଲାଙ୍କର କୃପା ଏବଂ ଅଲୌକିକ କରୁଣା ପ୍ରାପ୍ତି ପାଇଁ ଇଶ୍ୱରଙ୍କ ସହିତ ସଂପର୍କ ସ୍ଥାପନ କରିବା ହିଁ ଅନଶ୍ୱରତାର ପ୍ରତିଭୂ ଅଟେ । ଅଲ୍ଲାଃତାଲା ପ୍ରତ୍ୟେକଙ୍କୁ ତଦନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

ହୁଜୁରେ ଅନୱର୍ କହିଲେ: ମୁଁ ମସଜିଦ୍ ସମ୍ବନ୍ଧୀୟ କିଛି ତଥ୍ୟ ବା ବିବରଣୀ ମଧ୍ୟ ବର୍ଣ୍ଣନା କରିଦେଉଛି । ଏହି ମସଜିଦର ଜମି ୨୦୦୭ ମସିହାରେ କ୍ରୟ କରାଯାଇଥିଲା । ୨୦୧୩ ମସିହାରେ ଏହା ଉପରେ କାମ ଆରମ୍ଭ ହୋଇଥିଲା ଏବଂ ଆଜି ଓ ଚଳିତ ବର୍ଷ ଏହି ମସଜିଦ୍ ପୂର୍ଣ୍ଣରୂପେ ନିର୍ମିତ ହୋଇଅଛି । ଏହି ମସଜିଦରେ ୮.୧ ମିଲିୟନ୍ ଡ଼ଲାର ଖର୍ଚ୍ଚ ହୋଇଛି । ଯେଉଁଥିରେ ସ୍ଥାନୀୟ ଜମାତ୍ ୨ ମିଲିୟନ୍ ୪୩ ଲକ୍ଷ ୫ ହଜାରରୁ ଉର୍ଦ୍ଧ୍ୱ ଡ଼ଲାର ଖର୍ଚ୍ଚ ବହନ କରିଛି । ୧ ମିଲିୟନ୍ ୨୪ ଲକ୍ଷରୁ ଉର୍ଦ୍ଧ୍ୱ ଡ଼ଲାର ଆମେରିକାର ଅନ୍ୟ ଜମାତମାନେ ଏହି ମସଜିଦ ପାଇଁ ଖର୍ଚ୍ଚ ବହନ କରିଛନ୍ତି ଏବଂ ୪ ମିଲିୟନ୍ ୪୭ ଲକ୍ଷରୁ ଉର୍ଦ୍ଧ୍ୱ ଡ଼ଲାର ଜାତୀୟ ହେଡ୍କ୍ୱାର୍ଟର ପ୍ରଦାନ କରିଛି । ଏହାର ସର୍ବମୋଟ୍ କ୍ଷେତ୍ରଫଳ ଓ ଆୟତନ ହେଉଛି ୪ ହେକ୍ଟର । ମସଜିଦଟି ଦୁଇ ମହଲା ବିଶିଷ୍ଟ, ପୁରୁଷ ଏବଂ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବୃହତ୍ ହଲର ବ୍ୟବସ୍ଥା ରହିଛି ଯାହାକି ୫୦୦୦ ବର୍ଗ ଫୁଟ୍ ବିଶିଷ୍ଟ ।

ଅଲ୍ଲାଃତାଲା କରନ୍ତୁ କି ପ୍ରତ୍ୟେକ ଅହମଦି ମସଜିଦର ନିର୍ମାଣ କରିବା ପଛରେ ଯେଉଁ ଉଦ୍ଦେଶ୍ୟ ଓ ଅଭିପ୍ରାୟ ରହିଛି ତାହାକୁ ପୂର୍ଣ୍ଣ କରିବାରେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହି ମସଜିଦ୍ ସେହି ଅଞ୍ଚଳରେ ଇସଲାମର ପ୍ରକୃତ ବାର୍ତ୍ତାକୁ ପହଞ୍ଚାଇବାରେ ପ୍ରତିଷ୍ଠିତ ଦୂରତ୍ୱ ଫଳକ ସାବ୍ୟସ୍ତ ହେଉ । (ଆମିନ୍)

......................

**Khulasa Khutba Juma Huzoor Anwar a.b.a**
**19 OCT 2018**

.............